# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 October – 2025

*********************************

## ମୁଖ୍ୟ ସମ୍ବାଦ

- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆସନ୍ତାକାଲି ଦେଶବ୍ୟାପୀ ଆୟୋଜନ କରାଯିବ 'ଏକତା ପାଇଁ ଗଣଦୌଡ଼'
- ବାତ୍ୟା 'ମୋନ୍ଥା' କ୍ଷୟକ୍ଷତି ଆକଳନ ଆଜିଠାରୁ ଆରମ୍ଭ
- ତହସିଲ ଅଫିସଗୁଡ଼ିକରେ ଜମି କିଣାବିକା ହୋଇପାରିବ; କହିଲେ ରାଜସ୍ୱ ମନ୍ତ୍ରୀ
- ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିଶାମୁକ୍ତ କରିବା ପାଇଁ ୟୁଜିସି ପକ୍ଷରୁ ମାର୍ଗଦର୍ଶିକା ଜାରି

ଏବଂ

- ଜନସାଧାରଣଙ୍କୁ ଆର୍ଥିକ ସୁରକ୍ଷା ଓ ସଞ୍ଚୟର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ମିତବ୍ୟୟତା ଦିବସ

Desk

# ଜାତୀୟ ଏକତା ଦିବସ

'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ପୁନଃ ସୁଦୃଢ଼ କରିବାପାଇଁ ଆସନ୍ତାକାଲି ଦେଶବ୍ୟାପୀ 'ଏକତା ପାଇଁ ଗଣଦୌଡ଼' ଅଭିଯାନ ଅନୁଷ୍ଠିତ ହେବ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ସ୍ୱତନ୍ତ୍ର କରିବାପାଇଁ ଏହି ଏକତା ଦୌଡ଼ର ଆୟୋଜନ କରାଯାଉଛି। ସର୍ଦ୍ଦାର ପଟେଲ ୫୬୦ରୁ ଊର୍ଦ୍ଧ୍ୱ ଗଡ଼ଜାତ ରାଜ୍ୟକୁ ଗୋଟିଏ ରାଷ୍ଟ୍ରରେ ଏକତ୍ର କରିଥିଲେ। ବିବିଧତା ମଧ୍ୟରେ ଏକତା ଭାରତର ଆତ୍ମା, ଯାହାକୁ ସେ ଦର୍ଶାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଇଛନ୍ତି। ଏ ନେଇ ଶ୍ରୀ ମୋଦି ଆସନ୍ତାକାଲି ଏହି ସମାରୋହରେ ଯୋଗଦେଇ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୧ ହଜାର ୧୪୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

HS

# ବାତ୍ୟା– କ୍ଷୟକ୍ଷତି ଆକଳନ

ବାତ୍ୟା 'ମୋନ୍ଥା'ର କ୍ଷୟକ୍ଷତି ଆକଳନ ଆଜିଠାରୁ ଆରମ୍ଭ ହୋଇଛି। ତିନିଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ

ପୂଜାରୀ କହିଛନ୍ତି, ଯେଉଁ ଜିଲ୍ଲାରେ କ୍ଷୟକ୍ଷତି ହୋଇନାହିଁ, ସେହି ଜିଲ୍ଲାରୁ ରାଜସ୍ୱ ଅଧିକାରୀଙ୍କୁ ଆକଳନ ପାଇଁ ନିୟୋଜିତ କରାଯିବ। ଗଜପତି ଜିଲ୍ଲାରେ ଭୂସ୍ଖଳନ ଯୋଗୁଁ ପାହାଡ଼ କ୍ଷୟ ହେଉଛି। ପଥର ଖସିବାରେ ସବୁଠାରୁ ସମ୍ବେଦନଶୀଳ ଜିଲ୍ଲା ହେଉଛି ଗଜପତି ଜିଲ୍ଲା ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

HS

## ତହସିଲ- ଜମି କିଣାବିକା

ରାଜ୍ୟରେ ଏଣିକି ତହସିଲ ଅଫିସରେ ଜମି ପଞ୍ଜୀକରଣ ହୋଇପାରିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଶନିବାର ଦିନ ଏହି କାର୍ଯ୍ୟର ଶୁଭାରମ୍ଭ କରିବେ। ପ୍ରଥମେ ୪୪ଟି ତହସିଲ ଅଫିସରେ ଏହି ସେବା ଆରମ୍ଭ ହେବ। ପରେ ବାକି ୨୭୩ଟି ତହସିଲରେ ଡିସେମ୍ବର ମାସ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

HS

## ପୁଲିସ ୟୁନିଫର୍ମ

ଦେଶରେ ଖୁବ୍‌ଶୀଘ୍ର 'ୱାନ୍ ନେସନ୍, ୱାନ୍ ପୁଲିସ ୟୁନିଫର୍ମ' ଲାଗୁ କରାଯିବ। ଏ ନେଇ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ତଥ୍ୟ ମଗା ଯାଇଛି। ଦେଶର ସମସ୍ତ

ରାଜ୍ୟରେ ଆଗାମୀ ଦିନରେ ଏକ ପ୍ରକାର ପୁଲିସ ୟୁନିଫର୍ମ ରହିବ। ଆସନ୍ତା ମାସ ୪ ତାରିଖ ମଧ୍ୟରେ ସମସ୍ତ ତଥ୍ୟ ଦାଖଲ ପାଇଁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ରର ଚିଠି ପରେ ଡିଜିପି କଣ୍ଟ୍ରୋଲ ରୁମ୍ ପକ୍ଷରୁ ରାଜ୍ୟ ପୁଲିସ ମୁଖ୍ୟାଳୟକୁ ତଥ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

Desk

## ନୌବାଣିଜ୍ୟ ବୁଝାମଣା ସ୍ୱାକ୍ଷରିତ

ଭାରତୀୟ ଆଭ୍ୟନ୍ତରୀଣ ଜଳପଥ, ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଏବଂ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ୍ ମଧ୍ୟରେ ମୁମ୍ବାଇର ନେସ୍କୋ ଗ୍ରାଉଣ୍ଡରେ ଅନୁଷ୍ଠିତ ଭାରତ ନୌବାଣିଜ୍ୟ ସପ୍ତାହରେ ଜାତୀୟ ଜଳପଥ-୫ ଏବଂ ୬୪ର ବିକାଶ ଏବଂ କାର୍ଯ୍ୟ କ୍ଷମତା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ଥାୟୀ ମାଲ ପରିବହନ ଏବଂ ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧି ପାଇଁ ଓଡ଼ିଶାର ନଦୀ ପ୍ରଣାଳୀକୁ ଉପଯୁକ୍ତ କରିବା ଦିଗରେ ଏହା ପ୍ରମୁଖ ପଦକ୍ଷେପ। ୧୨ ହଜାର ୨୦୦ କୋଟି ଟଙ୍କାର ନିବେଶ ସହ ଆଭ୍ୟନ୍ତରୀଣ ଜଳପଥ ମାଧ୍ୟମରେ ତାଳଚେର କୋଇଲା କ୍ଷେତ୍ରରୁ ପାରାଦ୍ୱୀପ ଏବଂ ଧାମରା ବନ୍ଦରକୁ କୋଇଲା ଏବଂ ଅନ୍ୟାନ୍ୟ ବଲ୍କ କାର୍ଗୋର ସୁଗମ ପରିବହନ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଏହା ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବା ସହ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ-୨୦୪୭ ଦୃଷ୍ଟିକୋଣ ସହ ସମନ୍ୱୟ ରଖିପାରିବ।

Desk

## ୟୁଜିସି ପକ୍ଷରୁ ମାର୍ଗଦର୍ଶିକା

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିଶାମୁକ୍ତ କରିବା ପାଇଁ ୟୁ.ଜି.ସି. ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରତି କ୍ୟାମ୍ପସରେ ଆଣ୍ଟି ଡ୍ରଗ୍ ଇନ୍ସପେକ୍ଟର ନିଯୁକ୍ତ ହେବେ ବୋଲି  ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଦାୟିତ୍ୱ ଦିଆଯିବ। ଛାତ୍ରଛାତ୍ରୀଙ୍କ ଯୋଗ, ଶାରୀରିକ ଦକ୍ଷତା, ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି।

Desk

## ଜେଲ୍ ଜଗିବେ ହୋମଗାର୍ଡ

ରାଜ୍ୟର ବିଭିନ୍ନ ଜେଲ୍‌ରେ ଖାଲି ପଡ଼ିଥିବା ୱାର୍ଡର ପଦବୀ ପୂରଣ ହେବା ପର୍ଯ୍ୟନ୍ତ ଜେଲକୁ ଅସ୍ଥାୟୀ ଭାବେ ହୋମଗାର୍ଡ ଜଗିବେ। ଏ ନେଇ ଜେଲ୍ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ଲେଖି ଜଣାଇଛନ୍ତି। ୬୦୦ ୱାର୍ଡର ପଦବୀ ଖାଲି ପଡ଼ିଥିବା ଯୋଗୁଁ ସୁରକ୍ଷାକୁ ଦୃଷ୍ଟିରେ ରଖି ଅସ୍ଥାୟୀ ଭାବେ ସରକାର ଏଭଳି ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପ୍ରାୟ ବର୍ଷେ ପର୍ଯ୍ୟନ୍ତ ହୋମଗାର୍ଡମାନଙ୍କୁ କର୍ତ୍ତବ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଆବଶ୍ୟକ ପଡ଼େ ନିୟମିତ ନିଯୁକ୍ତି ପର୍ଯ୍ୟନ୍ତ କାର୍ଯ୍ୟ କରିବେ।

Desk

## ସ୍ୱାସ୍ଥ୍ୟ ଓ ସୁସ୍ଥତା କର୍ମଶାଳା

ୟୁନେସ୍କୋର ଦକ୍ଷିଣ-ଏସୀୟ ଆଞ୍ଚଳିକ କାର୍ଯ୍ୟାଳୟ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ମିଳିତ ସହଯୋଗରେ ପ୍ରଶିକ୍ଷଣ ପୂର୍ବ ଶିକ୍ଷକ, ଶିକ୍ଷା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ତିନିଦିନିଆ କର୍ମଶାଳା ଆରମ୍ଭ କରାଯାଇଛି । ରାଜ୍ୟର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଶିକ୍ଷାବିତ୍, ଶିକ୍ଷା ବିଶାରଦ ଓ ପାଠ୍ୟଖସଡ଼ା ବିଶାରଦ ଯୋଗଦେଇ ଏହି ବିଷୟରେ ବିଚାରବିମର୍ଶ କରିବା ସହ ମତବିନିମୟ କରୁଛନ୍ତି । ଶିକ୍ଷକମାନଙ୍କୁ ଦକ୍ଷତା, ସହାନୁଭୂତି ସମ୍ପନ୍ନ ଜ୍ଞାନ ଦେବା ସହ ସୁରକ୍ଷିତ ସମାନତାମୂଳକ ଓ ସ୍ୱାସ୍ଥ୍ୟ ସମ୍ବଳିତ ଶିକ୍ଷା ପରିବେଶ ଗଢ଼ିବାରେ ସହାୟତା କରିବା ଏହାର ମୂଳ ଉଦ୍ଦେଶ୍ୟ । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ସୁସ୍ଥ ଜୀବନ ଓ କଲ୍ୟାଣ, ଗୁଣାତ୍ମକ ଶିକ୍ଷା ଓ ଲିଙ୍ଗଗତ ଶିକ୍ଷା ଉପରେ ଆଧାରିତ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀ ଯୋଗଦେଇ ଆଞ୍ଚଳିକ ବିଶ୍ୱସ୍ତରରେ ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ଶିକ୍ଷକ ପ୍ରଶିକ୍ଷଣକୁ ଅଧିକ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ ।  ଆସନ୍ତାକାଲି ପର୍ଯ୍ୟନ୍ତ ଏହି କର୍ମଶାଳା ଚାଲିବ ।

Sambalpur

## ବ୍ୟାଘ୍ର ଗଣନା

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଦେବ୍ରୀଗଡ଼ ଅଭୟାରଣ୍ୟରେ ବ୍ୟାଘ୍ର ଗଣନା ଆରମ୍ଭ ହୋଇଛି । ଗଣନା ପ୍ରକ୍ରିୟାରେ ଛାତ୍ରଛାତ୍ରୀ ଓ

ଯୁବକମାନଙ୍କୁ ସାମିଲ କରାଯାଇଛି ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ଅଂଶୁ ପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା କଲେଜ ଓ ହାଇସ୍କୁଲର ୪୬ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଗଣନାରେ ସାମିଲ କରାଯାଇଛି। ଏମାନଙ୍କୁ ଆମ୍ବାସଡର ଅଫ୍ ଦେବ୍ରୀଗଡ଼ ନାମରେ ନାମିତ କରାଯାଇଛି। ନଭେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବା ବ୍ୟାଘ୍ର ଗଣନା କାର୍ଯ୍ୟକ୍ରମରେ ବନ ବିଭାଗର ୮୦ ଜଣ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଛନ୍ତ। ୧୦୭ଟି ଟ୍ରାପ୍ କ୍ୟାମେରାରେ ଦୁଇ ବର୍ଗ କିଲୋମିଟରକୁ ନିରୀକ୍ଷଣ କରି ଗଣନା କାର୍ଯ୍ୟ କରାଯିବ। ଏ ସମ୍ପର୍କରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଅଂଶୁ ପ୍ରଜ୍ଞା ଦାଶ ଆକାଶବାଣୀକୁ କହନ୍ତି...

**- V/O –**

Desk

# ବିଶ୍ୱ ମିତବ୍ୟୟିତା ଦିବସ

ଜନସାଧାରଣଙ୍କୁ ଆର୍ଥିକ ସୁରକ୍ଷା ଏବଂ ସଞ୍ଚୟର ଗୁରୁତ୍ୱକୁ ନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି 'ବିଶ୍ୱ ମିତବ୍ୟୟିତା ଦିବସ' ପାଳନ କରାଯାଉଛି । ଚଳିତ ବର୍ଷ 'ଆପଣଙ୍କର ଆସନ୍ତାକାଲିକୁ ଜୟ କରନ୍ତୁ' ଶୀର୍ଷକକୁ ନେଇ ଏହି ଦିବସ ପାଳନ କରାଯାଉଛି । ନିୟମିତ ସଞ୍ଚୟ ବ୍ୟକ୍ତିଙ୍କୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସହିତ ଭବିଷ୍ୟତର

ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୃହନିର୍ମାଣ ଭଳି ଅତ୍ୟାବଶ୍ୟକ କାର୍ଯ୍ୟ କରିବା ପାଇଁ ପାଣ୍ଠି ଯୋଗାଇଥାଏ ।

ଏହି ଅବସରରେ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ବାର୍ତ୍ତାରେ କହିଛନ୍ତି, ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ନିୟମିତ ସଞ୍ଚୟ ଏକାନ୍ତ ଅପରିହାର୍ଯ୍ୟ । ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଅପବ୍ୟୟ ପରିହାର କରି ମିତବ୍ୟୟତା ଅବଲମ୍ବନ ଓ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ସହିତ ସମସ୍ତଙ୍କୁ ସଂକଳ୍ପ ନେବାପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ ସୁରକ୍ଷିତ ଜୀବନ ଯାପନପାଇଁ ଅପବ୍ୟୟ ଓ ଅପଚୟମୁକ୍ତ ଶୃଙ୍ଖଳିତ ଆର୍ଥିକ ସୁପରିଚାଳନା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି ।

Puri

## ଅଁଳା ନବମୀ

ପୁରୀ ଶ୍ରୀକ୍ଷେତ୍ରରେ ପଞ୍ଚୁକ ବ୍ରତ ଓ ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲି ଭୋର୍ ୫ଟାରୁ ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନ ନେଇ ସ୍ୱତନ୍ତ୍ର

ନୀତିକାନ୍ତି କରାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

ଅନ୍ୟପକ୍ଷରେ ଶ୍ରୀକ୍ଷେତ୍ର ପୁରୀରେ ପଞ୍ଚୁକ ବ୍ରତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବାକୁ ଅନୁମତି ରହିଥିବାବେଳେ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସମୁଦ୍ର ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସୁରକ୍ଷିତ ସ୍ନାନ ନେଇ ଲାଇଫ୍‌ଗାର୍ଡ ଓ ପୁଲିସ୍ ମୁତୟନ କରାଯିବ। ବ୍ୟାରିକେଡ୍‌ରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଫ୍ୟାନ୍, ବସିବା ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ପଞ୍ଚୁକ ପାଞ୍ଚଦିନ ପରିବର୍ତ୍ତେ ୪ ଦିନ ପଡୁଛି। ଆସନ୍ତା ୨ ତାରିଖରେ ପଞ୍ଚୁକ ବ୍ରତ ଆରମ୍ଭ ହେଉଛି।

BHK

## ଜିଲ୍ଲାସ୍ତରୀୟ କର୍ମଶାଳା

ଶିଶୁ ଶ୍ରମିକ ପ୍ରଥା ରୋକିବା ସହ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ସମ୍ପର୍କରେ ଭଦ୍ରକରେ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲାର ୧୫ଟି ସାମାଜିକ ସଂଗଠନ, ଓଡ଼ିଶା ଗାନ୍ଧୀ ବାଳାଶ୍ରମର କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବା, କିଶୋରୀମାନଙ୍କୁ ଦକ୍ଷତା କୌଶଳ ପ୍ରଶିକ୍ଷଣ ଦିଆଯିବା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।